# ସତ୍ୟବାକ୍ୟ

# THE WORD OF TRUTH

## MAY & JUNE 2013

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.18.May & June-2013.No-3

Published every two months in **Oriya** language for the Restoration of pure New Testament Christianity

---

### ସମ୍ପାଦକଙ୍କ କଲମରୁ...

ପ୍ରିୟ "ସତ୍ୟବାଣୀ" ପାଠକ,

ଦୀର୍ଘ ପନ୍ଦର ବର୍ଷ ଧରି ବିନାମୂଲ୍ୟରେ ଆପଣଙ୍କୁ "ସତ୍ୟବାଣୀ" ପତ୍ରିକା ପଠାଇବାରେ ଈଶ୍ୱର ଆମ୍ଭମାନଙ୍କୁ ଆଶୀର୍ବାଦ କଲେ, ଈଶ୍ୱରଙ୍କ ନାମ ଧନ୍ୟ ହେଉ । ପ୍ରତିକୂଳ ପରିସ୍ଥିତି ଯୋଗୁଁ, ଏହି ପତ୍ରିକା ବିନାମୂଲ୍ୟରେ ପଠାଇବାରେ ଆମ୍ଭେମାନେ ସକ୍ଷମ ନୋହୁଁ । ଆସନ୍ତା ମାସରୁ ଏହି ପତ୍ରିକା ପ୍ରାପ୍ତ ହେବାକୁ ଇଚ୍ଛୁକ ଭାଇଭଉଣୀମାନଙ୍କୁ ବାର୍ଷିକ ଚାନ୍ଦା ରୂପେ ୧୦୦/- ଟଙ୍କା ନିମ୍ନଲିଖିତ ଠିକଣାରେ M.O. ଦ୍ୱାରା ପଠାଇବାକୁ ଅନୁରୋଧ କରୁ ।

**SATYA VANI**
H.No. 7-9-35
Sam Murthy Street, KAKINADA, A.P.
PIN - 533001

# ସତ୍ୟବାଣୀ
# VOICE OF TRUTH

**VOL - XVIII KAKINADA MAY-JUN-2013**


## ସ୍ତ୍ରୀର ପାତ୍ର
### (Women's Role)

ଯଦିଓ ଯୀଶୁଖ୍ରୀଷ୍ଟଙ୍କ ପ୍ରେରିତମାନେ ସମସ୍ତେ ପୁରୁଷ ଥିଲେ ସ୍ତ୍ରୀମାନଙ୍କ, ସହିତ ତାହାଙ୍କ ସହଯୋଗ ଥିଲା ।

ତାହାଙ୍କ ଶାରିରୀକ ପରିବାରରେ ତାହାଙ୍କ ମାଁ ଓ ଭଉଣୀମାନେ ଥିଲେ ବୋଲି ଆମ୍ଭେମାନେ ମାର୍କ-୬:୩ ପଦରୁ ଜାଣିପାରୁ । ସେ ସ୍ୱସ୍ଥ କରିବା ଜନତା ମଧ୍ୟରୁ ଅନେକେ ସ୍ତ୍ରୀ ଥିଲେ । (ମାଥିଉ ୯:୨୨-୨୩) । ସେ ଅନେକ ସ୍ତ୍ରୀମାନଙ୍କ ପାପ କ୍ଷମା କରିଥିଲେ । ଅନେକ ଦୁଷ୍ଟ ଆତ୍ମା ଆବିଷ୍ଟ ସ୍ତ୍ରୀମାନଙ୍କୁ ସେ ସୁସ୍ଥ କରିଥିଲେ । (ଲୂକ ୮:୨) । ସେ ସୁସମାଚାର ପ୍ରଚାର କରିବା ସମୟରେ ଅନେକ ସ୍ତ୍ରୀମାନେ ସମାବେଶ ହେଉଥିଲେ । ଯୀଶୁ ସୁଯୋଗ ପାଇବା ପ୍ରତ୍ୟେକ ସମୟରେ ସ୍ତ୍ରୀମାନଙ୍କୁ ଶିକ୍ଷା ଦେଉଥିଲେ । (ଯୋହନ ୪:୭-୪୧) ।

ଯୀଶୁଖ୍ରୀଷ୍ଟ ଗ୍ରାମେ ଗ୍ରାମେ ସୁସମାଚାର ପ୍ରଚାର କରିବା ସମୟରେ ତାହାଙ୍କ ପ୍ରେରିତମାନଙ୍କ ସହିତ ଅନେକ ସ୍ତ୍ରୀମାନେ ଭ୍ରମଣ କରୁଥିଲେ । (ଲୂକ ୮:୨-୩) । ସେମାନେ ଯୀଶୁ ଓ ତାହାଙ୍କ ପ୍ରେରିତମାନଙ୍କ ସେବା ପରିଚର୍ଯ୍ୟା କରୁଥିଲେ । (ମାଥିଉ ୨୭:୫୫) । ସେମାନଙ୍କ ମଧ୍ୟରୁ କେତେକଙ୍କ ନାମ ହେଲା :- ମଗଦଲୀନୀ ମରିୟମ, ଖୁଜାଙ୍କ ଭାର୍ଯ୍ୟା ଯୋହନା, ଶୋଶାନ୍ନା । ତାହାଙ୍କ ବନ୍ଧୁ ଲାଜରଙ୍କ ଭଉଣୀ ମରିୟମ ଓ ମାର୍ଥା ତାହାଙ୍କ ଅନ୍ତରଙ୍ଗ ବନ୍ଧୁ ଥିଲେ । ଯୀଶୁଖ୍ରୀଷ୍ଟ ଅନେକ ଥର ସେମାନଙ୍କ ଗୃହରେ ଆତିଥ୍ୟ ଗ୍ରହଣ କରିଥିଲେ ।

ସ୍ତ୍ରୀମାନେ ସେ ସମୟରେ ଯୀଶୁଙ୍କ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଥିଲେ । ବର୍ତ୍ତମାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ପ୍ରକୃତରେ ଯୀଶୁଖ୍ରୀଷ୍ଟ ସ୍ତ୍ରୀମାନଙ୍କ ଅନ୍ତରଙ୍ଗ ବନ୍ଧୁ । ସ୍ତ୍ରୀମାନେ କେବଳ ଶାରିରୀକ ଅଭିଳାଷପୂର୍ଣ୍ଣ କରିବା ବ୍ୟକ୍ତି ନୁହନ୍ତି, କିନ୍ତୁ ବିବାହ ଆଜୀବନ ବନ୍ଧନ ବୋଲି ସେ ଶିକ୍ଷା ଦେଉଥିଲେ । ଛାଡପତ୍ର ଦ୍ୱାରା ଭାର୍ଯ୍ୟାତ୍ୟାଗ କରିବା ପାପ ଈଶ୍ୱର ନିୟମ ବିରୁଦ୍ଧ ।

ଯୀଶୁଖ୍ରୀଷ୍ଟ ମୃତ୍ୟୁଞ୍ଜୟୀ ହୋଇ ଉତ୍ଥିତ ହେବା ପରେ, ପ୍ରଥମେ ଏକ ସ୍ତ୍ରୀକୁ ଦର୍ଶନ ଦେଇଥିଲେ । ସ୍ତ୍ରୀମାନେ ତାହାଙ୍କ ଅନୁସରଣକାରୀ ଓ ଆଦିମ ମଣ୍ଡଳୀର ସଭ୍ୟ ଥିଲେ । ସେମାନଙ୍କ ମଣ୍ଡଳୀରେ ପ୍ରମୁଖ୍ୟ ପାତ୍ର ରହିଥିଲା ଓ ଏବେ ସୁଦ୍ଧା ରହିଅଛି । ପୁରୁଷ ଓ ସ୍ତ୍ରୀମାନଙ୍କ ନିମନ୍ତେ ମଣ୍ଡଳୀରେ ଭିନ୍ନ ଭିନ୍ନ ପାତ୍ର ଓ କାର୍ଯ୍ୟ ରହିଅଛି ।

ମଣ୍ଡଳୀରେ ସ୍ତ୍ରୀ ଓ ପୁରୁଷର ପାତ୍ରର ପ୍ରଭେଦ କାହିଁକି ରହିଅଛି ଜାଣିବା କଷ୍ଟକର ହେଲେ ସୁଦ୍ଧା, ପ୍ରଭେଦ ଅଛି ବୋଲି ଜାଣୁଅଛୁ । ନୂତନ ନିୟମରେ ଲିଖିତ ସ୍ତ୍ରୀ ଓ ପୁରୁଷର ପ୍ରଭେଦ ବିଷୟରେ ଅଜ୍ଞ ରହିବା ମୁର୍ଖତାର ବିଷୟ ।

ସ୍ତ୍ରୀମାନଙ୍କ କାର୍ଯ୍ୟ ଅନେକ, ତାହା ବିପୁଳଭାବେ ବର୍ଣ୍ଣନା କରିବା ମୋ ନିମନ୍ତେ କଷ୍ଟକର ହେଲେ ସୁଦ୍ଧା ବାଇବଲରେ ଲିଖିତ ସ୍ତ୍ରୀମାନଙ୍କ ଜୀବନ ବିଶ୍ଳେଷଣ କଲେ, ଅନେକ ବିଷୟ ବୁଝିପାରିବା ।

**ଦର୍କା (ପ୍ରେରିତ ୯ :୩୬-୪୨) :**

(୩୬ତମ) "ଯାଫୋରେ ଟାବୀଥା ନାମରେ ଜଣେ ଶିଷ୍ୟା ଥିଲେ, ଅନୁବାଦ କଲେ ଏହି ନାମର ଅର୍ଥ ଦର୍କା । ସେ ନାନା ସତ୍‌କର୍ମ ଓ ଦାନକ୍ରିୟାରେ ପୂର୍ଣ୍ଣ ଥିଲେ । (୩୭ତମ) ସେହି ସମୟରେ ସେ ପୀଡିତା ହୋଇ ପ୍ରାଣତ୍ୟାଗ କଲେ, ସେଥିରେ ସେମାନ ତାଙ୍କୁ ସ୍ନାନ କରାଇ ଗୋଟିଏ ଉପର କୋଠରୀରେ ଶୁଆଇ ଦେଲେ । (୩୮ତମ) ପୁଣି, ଲୂଦ ଯାଫୋର ନିକଟବର୍ତ୍ତୀ ଥିବାରୁ ଶିଷ୍ୟମାନେ ପିତର ସେଠାରେ ଅଛନ୍ତି ବୋଲି ଶୁଣି, ଦୁଇଜଣ ଲୋକଙ୍କୁ ତାଙ୍କ ନିକଟକୁ ପଠାଇ ଏହା ନିବେଦନ କଲେ । ଆମ୍ଭମାନଙ୍କ ନିକଟକୁ ଆସିବା ପାଇଁ ବିଳମ୍ବ କରନ୍ତୁ ନାହିଁ । (୩୯ତମ) ଏଣୁ ପିତର ଉଠି ସେମାନଙ୍କ ସାଙ୍ଗରେ ଗଲେ । ସେ ଆସନ୍ତେ ସେମାନଙ୍କୁ ସେହି ଉପର କୋଠରୀକୁ ଘେନିଗଲେ, ଆଉ ବିଧବାମାନେ ସମସ୍ତେ ତାଙ୍କୁ ଘେରି ବିଳାପ କରୁକରୁ, ଦର୍କା ସେମାନଙ୍କ ସାଙ୍ଗରେ ଥିବା ସମୟରେ ଯେଉଁ ସବୁ ଅଙ୍ଗରଖା ଓ ବସ୍ତ୍ରଗୁଡିକ ବନାଇଥିଲେ । ସେହି ସବୁ ଦେଖାଇବାକୁ ଲାଗିଲେ । (୪୦ତମ) କିନ୍ତୁ, ପୁଣି ଶବ ଆଡକୁ ବୁଲିପଡି କହିଲେ, ଟାବୀଥା ଉଠ । ସେଥିରେ ସେ ଆଖି ମେଲା କଲେ, ଆଉ ପିତରଙ୍କୁ ଦେଖି ଉଠି ବସିଲେ । (୪୧ତମ) ପୁଣି, ସେ ହାତ ଦେଇ ତାଙ୍କୁ ଉଠାଇଲେ ଏବଂ ସାଧୁମାନଙ୍କୁ ଓ ବିଧବାମାନଙ୍କୁ ଡାକି ତାଙ୍କୁ ଜୀବିତ ଦେଖାଇଲେ । (୪୨ତମ) ଏହି କଥା ଯାଫୋର ସବୁଆଡେ ଜଣାପଡିଲେ, ଓ ଅନେକେ ପ୍ରଭୁଙ୍କଠାରେ ବିଶ୍ୱାସ କଲେ ।"

ଦର୍କା ଯାହାଙ୍କ ନାମର ଅର୍ଥ ଟାବୀଥା (ହରିଣୀ) ସମୁଦ୍ର ତଟସ୍ଥ ଯାଫୋବାସୀ

ଥିଲେ । ସେ ଏକ ଶିଷ୍ୟାର ଏକ ସତ୍ୟ ଉଦାହରଣ । "ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକର କର୍ତ୍ତା ବୈଦ୍ୟ ଲୂକ ତାହାଙ୍କ ବିଷୟରେ କହନ୍ତି ।" ସେ ନାନା ସତ୍‌କର୍ମ ଓ ଦାନକ୍ରିୟାରେ ପୂର୍ଣ୍ଣ ଥିଲେ । (୩୬ମ ପଦ) । ତାହାଙ୍କ ଦ୍ୱାରା ସାହାଯ୍ୟ ପ୍ରାପ୍ତ ବ୍ୟକ୍ତିମାନଙ୍କୁ ତାହାଙ୍କୁ ବହୁଳଭାବେ ପ୍ରେମ କରୁଥିଲେ । କିନ୍ତୁ ସେ ପୀଡିତା ହୋଇ ମୃତ୍ୟୁ ଭୋଗିଲେ ।

ତାହାଙ୍କୁ ପ୍ରେମ କରୁଥିବା, ତାହାଙ୍କ ବନ୍ଧୁମାନେ ଲୂଦରେ ଥିବା ପ୍ରେରିତ ପିତରଙ୍କ ନିମନ୍ତେ ଦୁଇଜଣ ଲୋକ୍କ ପଠାଇ, ଯାଫାକୁ ଆସିଥିବା ନିମନ୍ତେ ନିବେଦନ କଲେ । ଅବିଳମ୍ବେ ଯାଫାରେ ପହଞ୍ଚିବା ପିତରଙ୍କୁ ବିଧବାମାନେ, ଦର୍କା ସେମାନଙ୍କ ସହ ଥିବା ବେଳେ ଯେଉଁସବୁ ଅଙ୍ଗରଖା ଓ ବସ୍ତ୍ର ଗୁଡିକ ବନାଇଥିଲେ, ସେହିସବୁ ସେମାନଙ୍କୁ ଦେଖାଇଲେ ।

ପିତର ସେମାନଙ୍କୁ ସେହି କୋଠରୀରୁ ବାହାର କରି ଦେଇ ଆଣ୍ଠୁଘାଡି ପ୍ରାର୍ଥନା କଲେ ଓ କହିଲେ, ଟାବୀଥା ଉଠ । ସେ ଆଖି ମେଲାଇ ଉଠି ବସିଲେ । ଏହି ଘଟଣା ସର୍ବତ୍ର ବ୍ୟାପିଗଲା ।

ଏହା ଦର୍କାଙ୍କ ଧାର୍ମିକ ଜୀବନର ପ୍ରତିଫଳ । ତାହାଙ୍କ ଜୀବନରେ, ମରଣରେ ଓ ଜୀବିତ ହେବାରେ ପ୍ରଭୁ ମହିମାନ୍ୱିତ ହୋଇଥିଲେ । ଏକ ପ୍ରଖ୍ୟାତ ସୁସମାଚାର ପ୍ରଚାରକ ଠାରୁ ଅଧିକଭାବେ ଧାର୍ମିକ ଓ ବିଶ୍ୱସ୍ତ ଦର୍କା ଆପଣା ପରିଚର୍ଯ୍ୟା ଦ୍ୱାରା ଖ୍ରୀଷ୍ଟଙ୍କୁ ପ୍ରକଟିତ କରିଥିଲେ ।

**ଆକ୍ୱିଲା ଓ ପ୍ରୀସ୍କିଲ୍ଲା-** (ପ୍ରେରିତ ୧୮:୨, ୧୮-୧୯, ୨୬, ରୋମୀୟ ୧୬:୩, ୧ମ କରିନ୍ଥୀ ୧୬:୧୯, ୨ୟ ତୀମଥି ୪:୧୯) ।

ଆକ୍ୱିଲା ଓ ତାହାଙ୍କ ଭାର୍ଯ୍ୟା ପ୍ରଭୁଙ୍କ ପରିଚର୍ଯ୍ୟାରେ ଏକ ଦଳରୂପେ କାମ କରୁଥିଲେ । ପ୍ରେରିତ ପାଉଲ କରିନ୍ଥୀକୁ ଆସିବା ସମୟରେ ସେମାନେ, ତାହାଙ୍କୁ ଆପଣା ଗୃହରେ ଆହ୍ୱାନ କରିଥିଲେ । ସେମାନେ ସମବ୍ୟବସାୟୀ ଥିବାରୁ । ମିଳିତଭାବେ ତମ୍ବୁ ନିର୍ମାଣ କର୍ମ କରୁଥିଲେ । (ପ୍ରେରିତ ୧୮:୧-୩) ।

ପ୍ରେରିତ ପାଉଲ କରିନ୍ଥୀ ପରିତ୍ୟାଗ କରିବା ସମୟରେ ପ୍ରିସ୍କିଲ୍ଲାଙ୍କୁ ସଙ୍ଗରେ ନେଇ ଗଲେ । ପ୍ରେରିତ ପାଉଲ ସେମାନଙ୍କୁ ଏଫିସରେ ରଖି, ଆନ୍ତିୟଖ ଓ ଯିରୁଶାଲମକୁ ପ୍ରସ୍ଥାନ କଲେ ।

ସେମାନେ ଏଫିସରେ ଥିବା ସମୟରେ ଆପଲ୍ଲ ନାମକ ଜଣେ ଯିହୂଦୀଙ୍କ ଦେଖା ପାଇଲେ । ସେମାନେ ତାହାଙ୍କୁ ଯୀଶୁଙ୍କ ବିଷୟରେ ଅଧିକ ସୂକ୍ଷ୍ମ ବୁଝାଇଥିଲେ । (ପ୍ରେରିତ ୧୮:୨୪-୨୬) । ଭାର୍ଯ୍ୟା ଓ ସ୍ୱାମୀ ଉଭୟ ତାହାଙ୍କୁ ଶିକ୍ଷା ଦେଇଥିଲେ ।

ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଏକ ଦମ୍ପତ୍ତି କିପରିଭାବେ ଜଣକୁ କଢ଼ାଇ ଆଣିପାରିବେ, ପ୍ରୀସ୍କିଲ୍ଲା ଓ ଆକ୍ୱିଲା ଏକ ଉତ୍ତମ ଉଦାହରଣ ଅଟନ୍ତି ।

ଯଦିଓ ଏହି ଦମ୍ପତ୍ତି କରିନ୍ଥୀରେ ପାଉଲଙ୍କୁ ଆତିଥ୍ୟ ଦେଇ ନଥା'ନ୍ତି, କିଅବା ଆପଲ୍ଲଙ୍କୁ ଖ୍ରୀଷ୍ଟଙ୍କ ବିଷୟରେ ଶିକ୍ଷା ଦେଇ ନଥା'ନ୍ତେ, ତଥାପି ସେ ଅନ୍ୟମାନଙ୍କ ନିମନ୍ତେ ଏକ ଆଶୀର୍ବାଦର କାରକ ସ୍ୱରୂପ ଥିଲେ ।

ଏହି ଘଟଣାପରେ ଆକ୍ୱିଲା ଓ ପ୍ରୀସ୍କିଲ୍ଲା ରୋମକୁ ଫେରି ଯାଇଥିଲେ । ରୋମୀୟମାନଙ୍କୁ ପତ୍ରିକାରେ ପ୍ରେରିତ ପାଉଲ ଆକ୍ୱିଲା ଓ ପ୍ରୀସ୍କିଲ୍ଲାଙ୍କୁ ନମସ୍କାର ଜଣାନ୍ତି ।

ସ୍ୱାମୀ ଆକ୍ୱିଲାଙ୍କ ନାମ ଉଲ୍ଲେଖ କରିବା ପୂର୍ବେ ପ୍ରେରିତ ପାଉଲ ପ୍ରୀସ୍କିଲାଙ୍କ ନାମ ଉଲ୍ଲେ କରନ୍ତି ।

କାରଣ ସେହି ଦମ୍ପତ୍ତି କରୁଥିବା "ଆତିଥ୍ୟ ପରଚର୍ଯ୍ୟା" ରେ ଭାର୍ଯ୍ୟାର ପାତ୍ର ପ୍ରମୁଖ୍ୟ ଥିବାରୁ ତାହାଙ୍କ ନାମ ପ୍ରଥମେ ଉଲ୍ଲେ କରାଯାଇଅଛି ବୋଲି ଅନେକଙ୍କ ମତ ।

ସେମାନଙ୍କ ବିଷୟରେ ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ ଲେଖନ୍ତି, "ଖ୍ରୀଷ୍ଟ ଯୀଶୁଙ୍କ କାର୍ଯ୍ୟରେ ମୋହର ସହକର୍ମୀ ପ୍ରୀସ୍କା ଓ ଆକ୍ୱିଲାଙ୍କୁ ନମସ୍କାର ଜଣାଅ । ସେମାନେ ମୋହର ପ୍ରାଣ ନିମନ୍ତେ ଆପଣା ଆପଣା ପ୍ରାଣକୁ ବିପଦଗ୍ରସ୍ତ କଲେ, କେବଳ ମୁଁ ଯେ ସେମାନଙ୍କୁ ଧନ୍ୟବାଦ ଦେଇଅଛି, ତାହା ନୁହେଁ କିନ୍ତୁ ବିଜାତିମାନଙ୍କ ମଣ୍ଡଳୀ ସମୂହ ମଧ୍ୟ ସେମାନଙ୍କୁ ଧନ୍ୟବାଦ ଦେଉଅଛନ୍ତି ।" (ରୋମୀୟ ୧୬:୩-୪) ।

ସେମାନଙ୍କ ଗୃହରେ ସମବେତ ହେଉଥିବା ମଣ୍ଡଳୀକୁ ପ୍ରେରିତ ପାଉଲ ନମସ୍କାର ଜଣାନ୍ତି । ଅର୍ଥାତ୍ ସେମାନଙ୍କ ଗୃହ ଦ୍ୱାର । ଅତିଥିମାନଙ୍କ ନିମନ୍ତେ ସର୍ବଦା ଖୋଲାଥିଲା ।

**"ଆମ୍ଭମାନଙ୍କ ଭଗ୍ନୀ" ଫୈବୀ (ରୋମୀୟ ୧୬:୧-୨) ।**

ରୋମୀୟମାନଙ୍କ ମଣ୍ଡଳୀର ଖ୍ରୀଷ୍ଟିୟାନମାନଙ୍କୁ ପ୍ରେରିତ ପାଉଲ କେଙ୍କ୍ରେୟା ଅଞ୍ଚଳକୁ ଏକ ଭଗ୍ନୀଙ୍କ ପରିଚୟ କରାନ୍ତି । (ରୋମୀୟ ୧୬:୧-୨) । ତାହାଙ୍କ ନାମ "ଫୈବୀ" । ପ୍ରେରିତ ପାଉଲ ତାହାଙ୍କୁ ଆପଣା ଭଗ୍ନୀ ବୋଲି ପରିଚିତ କରାନ୍ତି । ପାଉଲ ଏହି ପତ୍ର ଲେଖିବା ସମୟରେ ଫୈବୀ ରୋମରେ ଥିଲେ, ଅଥବା ରୋମକୁ ଯିବା ରାସ୍ତାରେ ଯାତ୍ରା କରୁଥିଲେ ।

ଫୈବୀ ବିଷୟରେ ପ୍ରେରିତ ପାଉଲ କେତେକ ଉତ୍ତମ ବିଷୟ ଏଠାରେ

ଉଲ୍ଲେଖିତ କରନ୍ତି । ସେ କେଙ୍କ୍ରେୟାସ୍ଥ ଖ୍ରୀଷ୍ଟଙ୍କ ମଣ୍ଡଳୀର "ସେବିକା" (Jiakonon) ପାଉଲଙ୍କ ବ୍ୟବହୃତ ଏହି ଗ୍ରୀକ୍‌ପଦ "Jiakonon" ଏକ ପୁଲିଙ୍ଗ ପଦ, ଏହା ସ୍ତ୍ରୀ ଜାତିକୁ ବୁଝାଏ ନାହିଁ । ଅତଏବ ସେ ଜଣେ କେଙ୍କ୍ରେୟାସ୍ଥ ମଣ୍ଡଳୀର "Deacon-ess" ନଥିଲେ । ଅତଏବ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଯେପରି ଖ୍ରୀଷ୍ଟଙ୍କ ସେବକ ଅଟନ୍ତି, ଫୈବୀଙ୍କୁ ଏକ "ସେବିକା" ବୋଲି କହନ୍ତି ।

ଯେକୌଣସି ବିଷୟରେ ଫୈବୀ ଆବଶ୍ୟକ ଲୋଡନ୍ତି, ସେ ବିଷୟରେ ତାହାଙ୍କୁ ସାହାଯ୍ୟ କରିବା ନିମନ୍ତେ ରୋମରେ ଥିବା ଖ୍ରୀଷ୍ଟଙ୍କ ମଣ୍ଡଳୀକୁ ପ୍ରେରିତ ପାଉଲ ଅନୁରୋଧ କରନ୍ତି । (ରୋମ ୧୬:୨) । ସେ ସାହାଯ୍ୟ ପ୍ରାପ୍ତହେବା ନିମନ୍ତେ ଯୋଗ୍ୟ ସ୍ତ୍ରୀ, କାରଣ ଅନେକଙ୍କର ଓ ପାଉଲଙ୍କ ଉପକାର କରିଥିଲେ ।

ଫୈବୀଙ୍କ ନାମ ପବିତ୍ର ଶାସ୍ତ୍ର ବାଇବଲର ପୃଷ୍ଠାରେ ଲିଖିତ ହୋଇଅଛି, ଯେପରି ପ୍ରତ୍ୟେକ ଯୁଗର ଖ୍ରୀଷ୍ଟିୟାନମାନେ ତାହା ପଢ଼ିପାରିବେ । ତାହାଙ୍କ ଜୀବନ ଅନ୍ତ ହେବାର ଦୁଇ ହଜାର ବର୍ଷପରେ ମଧ୍ୟ, ତାହାଙ୍କୁ ଏକ ଉତ୍ତମ ଖ୍ରୀଷ୍ଟୀୟ ସ୍ତ୍ରୀର ଉଦାହରଣ ସ୍ୱରୂପେ ଗ୍ରହଣ କରୁ । ଉତ୍ତମ କର୍ମ ଓ ପରୋପକାର କରି ସେ ଆପଣା ଜୀବନରେ ଏକ ମହାନ ପ୍ରଚାରକଙ୍କ ଠାରୁ ଅଧିକ ବାବେ ସଦାପ୍ରଭୁଙ୍କୁ ମହିମାନ୍ୱିତ କରିଅଛନ୍ତି ।

– Richard Walkar

❋❋❋

## ହେଲେ ମୃତ ହେଲେ ହେଁ ଆଜି ପର୍ଯ୍ୟନ୍ତ କଥା କହୁ ଅଛନ୍ତି

### (Abel, Though dead still Speak)

ଆମ୍ଭମାନଙ୍କ ଆଦିପିତା ଓ ମାତାଙ୍କ ପ୍ରଥମ ସନ୍ତାନ କୟିନ ଓ ଦ୍ୱିତୀୟ ସନ୍ତାନଙ୍କ ନାମ ହେବଲ ଥିଲା । ଏବ୍ରୀ ପୁସ୍ତକ ଦୃଷ୍ଟିରେ ବିଶ୍ୱାସର ଯୋଦ୍ଧାମାନଙ୍କ ଜୀବନୀ ବିଷୟ ଲେଖିବା ସମୟରେ ହେବଲଙ୍କ ବିଷୟରେ କହନ୍ତି । ''ବିଶ୍ୱାସ ଦ୍ୱାରା ହେବଲ ଈଶ୍ୱରଙ୍କ ଛାମୁରେ କୟିନ ଅପେକ୍ଷା ଉତ୍କୃଷ୍ଟ ବଳି ଉତ୍ସର୍ଗ କଲେ, ଓ ତଦ୍ଦ୍ୱାରା ସେ ଧାର୍ମିକ ବୋଲି ସାକ୍ଷ୍ୟ ପାଇଲେ, ଈଶ୍ୱର ନିଜେ ତାଙ୍କ ଦାନ ବିଷୟରେ ସାକ୍ଷ୍ୟ ଦେଲେ, ଆଉ ସେ ମୃତ ହେଲେହେଁ ବିଶ୍ୱାସ ଦ୍ୱାରା ଆଜି ପର୍ଯ୍ୟନ୍ତ କଥା କହୁଅଛନ୍ତି ।" (ଏବ୍ରୀ ୧୧:୪) । କୟିନ ଓ ହେବଲଙ୍କ କାହାଣୀ ଆମ୍ଭେମାନେ ଆଦିପୁସ୍ତକ ୪:୧–

୧୬ ପଦରେ ପଢ଼ିଥାଉଁ । "ଅନନ୍ତର ଆଦମ ଆପଣା ଭାର୍ଯ୍ୟାଙ୍କ ହବାଙ୍କର ସହବାସ କରନ୍ତେ, ସେ ଗର୍ଭବତୀ ହୋଇ କୟିନ (ଅର୍ଥାତ୍ ଲାଭ) ନାମକ ଗୋଟିଏ ପୁତ୍ର ପ୍ରସବ କରି କହିଲେ, ସଦାପ୍ରଭୁଙ୍କ ସାହାଯ୍ୟରେ ମୋହର ଏକ ନର ଲାଭ ହୋଇଅଛି । ଏଥିଉତ୍ତାରେ ସେ ହେବଲ (ଅର୍ଥାତ୍ ଅସ୍ଥାୟୀ)" ନାମକ ତାହାର ସହୋଦରଙ୍କ ପ୍ରସବ କଲେ । ହେବଲ ମେଷପାଳକ ଓ କୟିନ କୃଷକ ଥିଲେ । ସମୟାନୁକ୍ରମେ କୟିନ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭୂମ୍ୟୁତ୍ପନ୍ନ ଫଳ ଆଣି ଉତ୍ସର୍ଗ କଲେ । ଆଉ ହେବଲ ମଧ୍ୟ ନିଜ ଉତ୍ସର୍ଗ ପଲର ପ୍ରଥମଜାତ କେତେକ ପଶୁ ଓ ସେମାନଙ୍କ ମେଦ ଉତ୍ସର୍ଗ କଲେ । ସଦାପ୍ରଭୁ ହେବଲଙ୍କୁ ଓ ତାହଙ୍କର ନୈବେଦ୍ୟ ଗ୍ରାହ୍ୟ କଲେ । ମାତ୍ର କୟିନଙ୍କୁ ଓ ତାଙ୍କର ନୈବେଦ୍ୟକୁ ଅଗ୍ରାହ୍ୟ କଲେ, ଏହେତୁ କୟିନ ଅତି କ୍ରୋଧ କରି ଅଧୋମୁଖ ହେଲେ... ..., କୟିନ ଆପଣା ଭାଇ ହେବଲଙ୍କୁ ଆକ୍ରମଣ କରି ବଧ କଲେ । (ଆଦି ପୁସ୍ତକ ୪:୧-୮) ।

ଈଶ୍ୱରଙ୍କ ବାକ୍ୟ କହେ, "ସଦାପ୍ରଭୁ ହେବଲଙ୍କୁ ଓ ତାଙ୍କର ନୈବେଦ୍ୟକୁ ଗ୍ରାହ୍ୟ କଲେ ।" (୪ର୍ଥ) କାହିଁକି ? ପ୍ରେରିତ ଯୋହନ କହନ୍ତି, "ପାପାତ୍ମାର ସନ୍ତାନ ଯେ କୟିନ, ତାହାପରି ହୁଅ ନାହିଁ । ସେ ଆପଣା ଭାଇକୁ ବଧ କଲା, ଆଉ ସେ ତାହାକୁ କାହିଁକି ବଧ କଲା ? କାରଣ ଏହି ଯେ, ତାହାର କାର୍ଯ୍ୟ ପାପମୟ ଆଉ ତାହାର ଭାଇର କାର୍ଯ୍ୟ ଧର୍ମମୟ ଥିଲା ।" (୧ମ ଯୋହନ ୩:୧୨) । ସଦାପ୍ରଭୁ ହେବଲଙ୍କୁ ଓ ତାହାଙ୍କ ନୈବେଦ୍ୟକୁ ଗ୍ରହଣ କଲେ , କାରଣ ତାହାଙ୍କ ଜୀବନ ଓ କାର୍ଯ୍ୟ ତାହାଙ୍କ ଦୃଷ୍ଟିରେ ଧର୍ମମୟ ଥିଲା । ଆମ୍ଭମାନଙ୍କ ଜୀବନ ଓ କାର୍ଯ୍ୟ ସଦାପ୍ରଭୁଙ୍କ ଗ୍ରାହ୍ୟ ହେଲେ ଆମ୍ଭେମାନ ତାହାଙ୍କ ଦୃଷ୍ଟିରେ ଧାର୍ମିକ ଗଣିତ ହେବା । ରାଜା ଦାଉଦ ଗାୟନ କରି କହନ୍ତି, "... ... ତୁମ୍ଭ ଦୃଷ୍ଟିରେ ମୋ ମୁଖର ବାକ୍ୟ ଓ ମୋ ଅନ୍ତଃକରଣର ଧ୍ୟାନ ସୁଗ୍ରାହ୍ୟ ହେଉ, ଆମ୍ଭମାନଙ୍କ ହୃଦୟର ଆଲୋଚନା ତାହାଙ୍କ ଦୃଷ୍ଟିରେ ସୁଗ୍ରାହ୍ୟ ହେଉ । ଆମ୍ଭମାନଙ୍କ ମୁଖର ବାକ୍ୟ ତାହାଙ୍କ ଦୃଷ୍ଟିରେ ସୁଗ୍ରାହ୍ୟ ହେଉ । ଆମ୍ଭମାନଙ୍କ ଜୀବନ ଶୈଳୀ, ଆଚାର ବ୍ୟବହାର, ଉପାସନା, ଦାନ, ଧ୍ୟାନ ପ୍ରାର୍ଥନା ତାହାଙ୍କ ସୁଗ୍ରାହ୍ୟ ହେଉ । ଆମ୍ଭମାନଙ୍କ ଆଲୋଚନା ତାହାଙ୍କ ଦୃଷ୍ଟିରୁ ଅଗୋଚର ନୁହେଁ । ହେବଲ ମୃତ ହେଲେ ହେଁ ଆଜି ପର୍ଯ୍ୟନ୍ତ, ସଦାପ୍ରଭୁଙ୍କ ଦୃଷ୍ଟିରେ ଆମ୍ଭମାନଙ୍କ ଜୀବନ, ବାକ୍ୟ ଆଚାର ବ୍ୟବହାର, ଉପାସନା ଆଲୋଚନା, ଦାନ ଗ୍ରାହ୍ୟ ଯୋଗ୍ୟ ହେଉ

ବୋଲି କଥା କହୁଅଛନ୍ତି ।

**ଦ୍ୱିତୀୟ :-** ସଦାପ୍ରଭୁ ହେବଲଙ୍କୁ କହିଲେ, "ସତ୍କର୍ମ କଲେ, କି ତୁମ୍ଭେ ଊର୍ଦ୍ଧ୍ୱମୁଖ ହେବ ନାହିଁ ?" (ଆଦି ୪:୬) । ହେବେଲଙ୍କ ଜୀବନ ସତ୍କର୍ମରେ ଭରପୁର ଥିଲା ବୋଲି ଏହି ବାକ୍ୟରୁ ଜାଣିପାରୁ । ହେବଲ ମୃତ ହେଲେ ହେଁ, ସତ୍କର୍ମ କରିବା ନିମନ୍ତେ ଆମ୍ଭମାନଙ୍କ ସହ କଥା କହୁଅଛନ୍ତି । ପ୍ରଭୁଯୀଶୁ କହିଲେ, "ସେହି ପ୍ରକାରେ ତୁମ୍ଭମାନଙ୍କର ଆଲୋକ ଲୋକଙ୍କ ସାକ୍ଷାତରେ ପ୍ରକାଶ ପାଉ, ଯେପରି ସେମାନେ ତୁମ୍ଭମାନଙ୍କ ସତ୍କର୍ମ ଦେଖି ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କୀର୍ତ୍ତନ କରିବେ ।" (ମାଥିଉ ୫:୧୬) । ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀଙ୍କୁ ଲେଖନ୍ତି, "ଯେଉଁମାନେ ଧୈର୍ଯ୍ୟ ସହିତ ଉତ୍ତମ କର୍ମ କରି ଗୌରବ, ସମ୍ମାନ ଓ ଅମରତା ଅନ୍ୱେଷଣ କରନ୍ତି, ସେମାନଙ୍କୁ ଅନନ୍ତ ଜୀବନ ପ୍ରଦାନ କରିବେ ।" (ରୋମୀୟ ୨:୭) । "ଆମ୍ଭେମାନେ ଉତ୍ତମ କର୍ମ କରିବାରେ ଶ୍ରାନ୍ତ ନହେଉ, କାରଣ କ୍ଳାନ୍ତ ନୋହିଲେ ଉପଯୁକ୍ତ ସମୟରେ ଶସ୍ୟ କାଟିବା ।" (ଗାଲାତୀ ୬:୯) । "... ...ତୁମ୍ଭମାନେ ସର୍ବଦା ପରସ୍ପରର ଓ ସମସ୍ତଙ୍କର ମଙ୍ଗଳ କରିବାକୁ ସଚେଷ୍ଟ ହୁଅ ।" (୧ମ ଥେସ ୫:୧୫) । "କିନ୍ତୁ ହେ ଭ୍ରାତୃବୃନ୍ଦ, ସତ୍କର୍ମ କରିବାରେ ତୁମ୍ଭେମାନେ କ୍ଳାନ୍ତ ନହୁଅ ।" (୨ୟ ଥେସ ୩;୧୩) । "କର୍ତ୍ତୃପକ୍ଷ ଓ କ୍ଷମତାପ୍ରାପ୍ତ ବ୍ୟକ୍ତିମାଙ୍କର ବଶୀଭୂତ ଓ ବାଧ୍ୟ ହେବାକୁ, ସମସ୍ତ ପ୍ରକାର ସତ୍କର୍ମ କରିବା ନିମନ୍ତେ ପ୍ରସ୍ତୁତ ହେବାକୁ... ...ସେମାନଙ୍କୁ ସ୍ମରଣ କରାଅ । ... ...ଆଉ ଯେପରି ଈଶ୍ୱରଙ୍କଠାରେ ବିଶ୍ୱାସକାରୀମାନେ ସମସ୍ତ ସତ୍କର୍ମରେ ବ୍ୟାପୃତ ରହିବାକୁ ମନୋଯୋଗୀ ହୁଅନ୍ତି ... ...ବୋଲି ମୋହର ଇଚ୍ଛା । ... ...ଆମ୍ଭମାନଙ୍କ ଲୋକମାନେ ମଧ୍ୟ ପ୍ରୟୋଜନୀୟ ଉପକାର ନିମନ୍ତେ ସତ୍କର୍ମରେ ବ୍ୟାପୃତ ରକହିବାକୁ ଶିଖନ୍ତୁ ।" (ତିତସ ୩:୧,୮,୧୪) । ପରୋପକାର ଓ ଦାନ କରିବାକୁ ପାସର ନାହିଁ, କାରଣ ଏହିପରି ବଳିରେ ଈଶ୍ୱରଙ୍କ ପରମ ସନ୍ତୋଷ । (ଏବ୍ରୀ ୧୩:୧୬) ।

**ତୃତୀୟରେ :-** ହେବଲ ମୃତ ହେଲେ ସର୍ବଶ୍ରେଷ୍ଠ ବିଷୟ ସଦାପ୍ରଭୁଙ୍କୁ ବଳି ଦେବା ବିଷୟରେ ଆମ୍ଭମାନଙ୍କ ସହ କଥା କହୁ ଅଛନ୍ତି । ସଦାପ୍ରଭୁ ଆମ୍ଭମାନଙ୍କ ସର୍ବଶ୍ରେଷ୍ଠ ବିଷୟ ଦାନ କରି ଅଛନ୍ତି । "ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧ ବର ଊର୍ଦ୍ଧ୍ୱରୁ ଅର୍ଥାତ୍ ଜ୍ୟୋତିର୍ଗଣ ପିତାଙ୍କଠାରୁ ଆସେ, ଯାହାଙ୍କଠାରେ କୌଣସି ପରିବର୍ତ୍ତନ ବା ଲେଶମାତ୍ର ବିକାର ନାହିଁ ।" (ଯାକୁବ ୧:୧୭) । ଆମ୍ଭମାନଙ୍କ ଜୀବନ ସଦାପ୍ରଭୁଙ୍କ ଦାନ ।

ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, "କାରଣ କିଏ ତୁମ୍ଭକୁ ଶ୍ରେଷ୍ଠ କରିଅଛି ? ଆଉ ଯାହା ତୁମ୍ଭେ ଦାନରୂପେ ପାଇନାହିଁ ଏପରି ତୁମ୍ଭର କ'ଣ ଅଛି ... ...।" (୧ମ କରିନ୍ଥୀ ୪:୭) । ସେ ଆମ୍ଭମାନଙ୍କୁ ଉତ୍ତମ ଗହମରେ ତୃପ୍ତ କରନ୍ତି । ଆମ୍ଭମାନଙ୍କ ଖାଦ୍ୟ, ଢ଼ାଲ ଓ ଆଶ୍ରୟ ଦୁର୍ଗ । ଏପରି ମହାନ ପରମେଶ୍ୱରଙ୍କୁ ଆମ୍ଭେମାନେ କଅଣ ଦେଇ ପାରିବା । ସଦାପ୍ରଭୁ ପରମେଶ୍ୱର କହନ୍ତି, "ଆମ୍ଭେ ତୁମ୍ଭ ଗୃହରୁ କୌଣସି ବୃଷ କି ତୁମ୍ଭ କି ତୁମ୍ଭ ଖୁଆଡରୁ ଛାଗ ନେବା ନାହିଁ, କାରଣ ବନସ୍ଥ ପ୍ରତ୍ୟେକ ଜନ୍ତୁ ଓ ସହସ୍ର ପର୍ବତସ୍ଥ ପଶୁ ଆମ୍ଭର... ...ଜଗତ ଓ ତହିଁରେ ପୂର୍ଣ୍ଣତା ଆମ୍ଭର... ...।" (ଗୀତ ୫୦:୯-୧୨) ।

ସବୁ ପ୍ରକାର ମଙ୍ଗଳ, ଶ୍ରେଷ୍ଠ ବିଷୟ ସଦାପ୍ରଭୁଙ୍କ ଠାରୁ ପ୍ରାପ୍ତ ହୋଇ, ତାଙ୍କୁ କିପରି ବିଷୟ ଆମ୍ଭେମାନେ ଦେଇପାରୁଅଛୁ ? ସେ ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ, ଆପଣାର ଏକମାତ୍ର ପୁତ୍ର ଯୀଶୁଖ୍ରୀଷ୍ଟଙ୍କୁ ଏହି ଜଗତରେ ପ୍ରେରଣ କରିଥିଲେ । ହେବଲ ଆପଣା ପଲର ସର୍ବଶ୍ରେଷ୍ଠ କେତେକ ପଶୁ ସଦାପ୍ରଭୁଙ୍କ ବଳିରୂପେ ଉତ୍ସର୍ଗ କରିଥିଲେ । ଅବ୍ରାହମ ବୃଦ୍ଧ ବୟସରେ ଜାତ ପ୍ରତିଜ୍ଞାତ ସନ୍ତାନଙ୍କୁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳି ଦେବାକୁ ପଛେଇ ନଥିଲେ । (ଆଦି ୨୨ମ ପଦ) । ହାନ୍ନା ଆପଣାର ଜ୍ୟେଷ୍ଠପୁତ୍ର ଶାମୁୟେଲଙ୍କୁ, ପରମେଶ୍ୱରଙ୍କ ପରିଚର୍ଯ୍ୟା ନିମନ୍ତେ ଶିଲୋହରେ ମହାଯାଜକ ଏଲିଙ୍କ ନିକଟରେ ସମର୍ପଣ କରିଥିଲେ । ଦାଉଦ ଶାଲୋମନ ଆପଣା ଜୀବନର ଶ୍ରେଷ୍ଠ ବିଷୟ ସଦାପ୍ରଭୁଙ୍କ ଅର୍ପଣ କରିଥିଲେ, ଆମ୍ଭମାନଙ୍କୁ ଶ୍ରେଷ୍ଠ ବିଷୟ ସକଳର ଦାନ କର୍ତ୍ତାଙ୍କୁ ଆସ ଆମ୍ଭମାନେ ଶ୍ରେଷ୍ଠ ବିଷୟ ଅର୍ପଣ କରୁ । (ମଲାଖି ୧:୭-୯) ।

ଚତୁର୍ଥରେ :- ହେବଲ ମୃତ ହେଲେହେଁ ସଦାପ୍ରଭୁଙ୍କୁ ଆମ୍ଭମାନଙ୍କ ଜୀବନରେ ପ୍ରଥମ ସ୍ଥାନ ଦେବା ନିମନ୍ତେ କହୁଅଛନ୍ତି । ହେବଲ ଆପଣା ପଲର ପ୍ରଥମ ଜାତ କେତେକ ମେଷଶାବକ ସେ ସଦାପ୍ରଭୁଙ୍କୁ ଅର୍ପଣ କରିଥିଲେ । ସଦାପ୍ରଭୁ ପରମେଶ୍ୱର ଆମ୍ଭମାନଙ୍କ ଜୀବନର ପ୍ରଥମସ୍ଥାନ ଲୋଡନ୍ତି । "ଆମ୍ଭ ସାକ୍ଷାତରେ ତୁମ୍ଭର ଆଉ କୌଣସି ଦେବତା ହେବ ନାହିଁ । ତୁମ୍ଭେ ଆପଣା ନିମନ୍ତେ କୌଣସି ଖୋଦିତ ପ୍ରତିମା ନିର୍ମାଣ କରିବ ନାହିଁ, କି ଉପରିସ୍ଥ ସ୍ୱର୍ଗରେ, କି ନୀଚସ୍ଥ ପୃଥିବୀରେ, କି ପୃଥିବୀର ନିଚସ୍ଥ ଜଳରେ ଥିବା କୋଣସି ବସ୍ତୁର ପ୍ରତିମୂର୍ତ୍ତି ନିର୍ମାଣ କରିବ ନାହିଁ ।" (ଯୋହନ ୨୦:୩-୪) । ମହାବନ୍ୟା ପରେ ନୋହ ସର୍ବପ୍ରଥମେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଯଜ୍ଞବେଦି ନିର୍ମାଣ

କରି, ସର୍ବ ପ୍ରକାର ଶୁଚି ପଶୁ ଓ ଶୁଚିପକ୍ଷୀଗଣ ମଧ୍ୟରୁ କେତେକ ନେଇ ସଦାପ୍ରଭୁଙ୍କୁ ଅର୍ପଣ କରିଥିଲେ । ଅବ୍ରାହମ ଯାତ୍ରା କରୁଥିବା ସମୟରେ ସର୍ବପ୍ରଥମେ ଯଜ୍ଞବେଦି ନିର୍ମାଣ କରି, ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଳି ଉତ୍ସର୍ଗ କରିଥିଲେ । ଏବ୍ରୀ ଏକାଦଶ ଅଧ୍ୟାୟରେ ଲିଖିତ ପ୍ରତ୍ୟେକ ବିଶ୍ୱାସରେ ଯୋଦ୍ଧା ସଦାପ୍ରଭୁଙ୍କୁ ଆପଣା ଜୀବନରେ ଅଗ୍ରସ୍ଥାନ ଦେଇଥିଲେ ।

ଇଶ୍ରାଏଲୀୟ ବଂଶଙ୍କୁ ସଦାପ୍ରଭୁ ଆପଣା ଫସଲର ପ୍ରଥମଫଳ ଓ ଆପଣା ପଲର ପ୍ରଥମଜାତ ପଶୁ ଅର୍ପଣ କରିବା ନିମନ୍ତେ ଆଜ୍ଞା ଦେଇଥିଲେ । "ତୁମ୍ଭେମାନେ ଇଶ୍ରାଏଲ ସନ୍ତାନଗଣଙ୍କୁ କୁହ, ଆମ୍ଭେ ତୁମ୍ଭମାନଙ୍କୁ ଯେଉଁ ଦେଶ ଦେବା ସେହି ଦେଶରେ ପ୍ରବେଶ କରି ଯେତେବେଳେ ଶସ୍ୟ କାଟିବ, ସେତେବେଳେ ତୁମ୍ଭମାନଙ୍କର ପ୍ରଥମ କଟା ଶସ୍ୟର ଏକ ବିଡା ଯାଜକ ନିକଟ ଆଣିବ ।" (ଲେବୀ ୨୩:୧୦) । "ଇଶ୍ରାଏଲ ସନ୍ତାନଗଣ ମଧ୍ୟରେ ମନୁଷ୍ୟ ଓ ପଶୁ ଉଭୟର ସମସ୍ତ ପ୍ରଥମଜାତ ଆମ୍ଭର ମିସର ଦେଶର ସମସ୍ତ ପ୍ରଥମଜାତଙ୍କୁ ଆଘାତ କରିବା ଦିନ ସେମାନଙ୍କୁ ଆପଣା ନିମନ୍ତେ ପବିତ୍ର ।" (ଗଣନା ୮:୧୭) । ଇଶ୍ରାଏଲର ପ୍ରଥମଜାତ ବଦଳେ ସେ ଲେବୀୟମାନଙ୍କୁ ଗ୍ରହଣ କରିଥିଲେ । (୧୬ତମ) -

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟ କହିଲେ, "କିନ୍ତୁ ତୁମ୍ଭେମାନେ ପ୍ରଥମରେ ତାହାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ବିଷୟ ମଧ୍ୟ ତୁମ୍ଭମାନଙ୍କୁ ଦିଆଯିବ ।" (ମାଥିଉ ୬:୩୩) । ତାହାଙ୍କ ରାଜ୍ୟ ଅର୍ଥାତ୍ ଖ୍ରୀଷ୍ଟଙ୍କ ମଣ୍ଡଳୀର ଅଭିବୃଦ୍ଧି ଓ ଧାର୍ମିକତା ଅନ୍ୱେଷଣ କରୁ । ଯୀଶୁଖ୍ରୀଷ୍ଟ ସର୍ବପ୍ରଥମ ପିତାଙ୍କ କାର୍ଯ୍ୟ (ସୁସମାଚାର କାର୍ଯ୍ୟ), ପିତାଙ୍କ ପାଳନ କରିବା ତାହାଙ୍କ ଜୀବନର ପ୍ରଧାନ ଲକ୍ଷ୍ୟ ଥିଲା । ସେ ଶିଷ୍ୟମାନଙ୍କୁ କହିଲେ, "... ...ବଡ଼ ବଡ଼ ଗ୍ରାମକୁ ଯିବା, ସେଠାରେ ମଧ୍ୟ ମୁଁ ପ୍ରଚାର କରିବି, କାରଣ ସେହି ଉଦ୍ଦେଶ୍ୟରେ ମୁଁ ବାହାରି ଅଛି ।" (ମାର୍କ ୧:୩୮) ।"ଯୀଶୁ ସେମାନଙ୍କୁ କହିଲେ, ମୋହର ପ୍ରେରଣକର୍ତ୍ତାଙ୍କ ଇଚ୍ଛା ସାଧନ କରିବା ଓ ତାହାଙ୍କର କାର୍ଯ୍ୟ ସମାପ୍ତ କରିବା ଏହାହିଁ ମୋହର ଖାଦ୍ୟ ।" (ଯୋହନ ୪:୩୪) । ଯୀଶୁ ଆପଣା ଶିଷ୍ୟମାନଙ୍କୁ ସମସ୍ତ ପରିତ୍ୟାଗ କରି ତାହାଙ୍କ ଅନୁସରଣ କରିବା ନିମନ୍ତେ ଆହ୍ୱାନିତ କରିଥିଲେ । ସେମାନେ ଆପଣା ପିତାମାତା, ବ୍ୟବସାୟ ପରିତ୍ୟାଗ କରି ଯୀଶୁଙ୍କ ଅନୁସରଣ କରିଥିଲେ । ଆମ୍ଭେ ଦୁଇ ପ୍ରଭୁର ଦାସ

ହୋଇ ପାରିବା ନାହିଁ । ସଦାପ୍ରଭୁଙ୍କୁ ଓ ଜଗତକୁ, ଉଭୟକୁ ପ୍ରଥମ ସ୍ଥାନ ଦେଇ ପାରିବା ନାହିଁ । ସଦାପ୍ରଭୁ ଆମ୍ଭମାନଙ୍କ ଜୀବନରେ ପ୍ରଥମ ସ୍ଥାନ ଲୋଡ଼ନ୍ତି । ଦ୍ୱିତୀୟ ସ୍ଥାନ ସେ ଗ୍ରହଣ କରନ୍ତି ନାହିଁ । ଯୀଶୁଖ୍ରୀଷ୍ଟ ମରିୟମଙ୍କୁ ପ୍ରଶଂସା କରିଥିଲେ । କାରଣ ସେ ଖ୍ରୀଷ୍ଟଙ୍କ ପାଦ ତଳେ ବସି ତାହାଙ୍କ ବାକ୍ୟ ଶୁଣିବାର ଉତ୍ତମ କାର୍ଯ୍ୟ ସେ ମନୋନୀତ କରିଥିଲେ । (ଲୂକ ୧୦:୩୮-୪୨) ।

ଆସ, ଆମ୍ଭେମାନେ ଖ୍ରୀଷ୍ଟଙ୍କୁ ଆମ୍ଭମାନଙ୍କ ଜୀବନରେ ପ୍ରଥମ ସ୍ଥାନ ଦେଉ । ଆମ୍ଭମାନଙ୍କ କାର୍ଯ୍ୟରେ, ଆମଦାନୀରେ, ସମୟ ବିନିଯୋଗ କରିବାର ତାହାଙ୍କୁ ପ୍ରଥମ ସ୍ଥାନ ଦେଉ । ଆମ୍ଭମାନଙ୍କ ଜୀବନରେ ପ୍ରତ୍ୟେକ ଦିନ ତାହାଙ୍କ ଠାରେ ପ୍ରାର୍ଥନା ଓ ବାକ୍ୟଧ୍ୟାନରେ ଆରମ୍ଭ ହେଉ । ଆମ୍ଭେମାନେ ଯଦି ଆମ୍ଭମାନଙ୍କ ଦିନ ଏପରିଭାବେ ଆରମ୍ଭ କରୁ ନାହୁଁ, ତେବେ ତାହାଙ୍କୁ ପ୍ରଥମ ସ୍ଥାନ ଦେଉନାହୁଁ । ସପ୍ତାହରେ ପ୍ରଥମ ଦିନ (ରବିବାର)ରେ ଉପାସନାରେ ଯୋଗ ନଦେଇ, ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ରହୁଅଛୁ, ତାହାହେଲେ ଖ୍ରୀଷ୍ଟଙ୍କୁ ଆପଣା ଜୀବନରେ ପ୍ରଥମ ସ୍ଥାନ ଦେଉନାହୁଁ । ମଣ୍ଡଳୀ ଦ୍ୱାରା ନିରୂପିତ ସଭାମାନଙ୍କରେ ଯୋଗଦାନ ନ ଦେଇ, ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ରହିଲେ, ତାହାଙ୍କୁ ପ୍ରଥମ ସ୍ଥାନ ଦେଉ ନାହୁଁ । ନିତିଦିନ ଯଦି ଆମେ ପାରିବାରିକ ପ୍ରାର୍ଥନାରେ ଯୋଗଦେଉନାହୁଁ, ଆମ୍ଭେମାନେ ଖ୍ରୀଷ୍ଟଙ୍କୁ ଆପଣା ଜୀବନରେ ପ୍ରଥମ ସ୍ଥାନ ଦେଉନାହୁଁ । ଆସ, ଆମ୍ଭେମାନେ ଆପଣା ଆପଣାକୁ ପରୀକ୍ଷା କରୁ । ଆପଣଙ୍କ ହୃଦୟରେ, ଜୀବନରେ, ପ୍ରଥମ ସ୍ଥାନ କାହାର ?

ହେବଲ ମୃତ ହେଲେ ହେଁ, ଆମ୍ଭମାନଙ୍କୁ ସତ୍‌କ୍ରିୟା କରିବାକୁ, ଶ୍ରେଷ୍ଠ ବିଷୟ ଦେଇ ଈଶ୍ୱରଙ୍କୁ ମହିମାନ୍ୱିତ କରିବାକୁ ଓ ତାହାଙ୍କୁ ଆପଣା ଜୀବନରେ ପ୍ରଥମ ସ୍ଥାନ ନିମନ୍ତେ , ଆମ୍ଭମାନଙ୍କ ପ୍ରତ୍ୟେତଙ୍କ ସହ କଥା କହୁ ଅଛନ୍ତି ।

**–Kabita Gootam**

***

# ଆପଣା ସମ୍ମୁଖସ୍ଥ ଆନନ୍ଦ ନିମନ୍ତେ

**(For the Joy of it)**

ଏବ୍ରୀ ପୁସ୍ତକ କର୍ତ୍ତା ଆପଣା ପାଠକମାନଙ୍କୁ "... ଆସ, ଆମ୍ଭେମାନେ ପ୍ରତ୍ୟେକ ଭାର ଓ ସହଜରେ ବେଷ୍ଟନକାରୀ ପାପ ପରିତ୍ୟାଗ କରି ବିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁଙ୍କୁ ଲକ୍ଷ୍ୟ କରି ଧୈର୍ଯ୍ୟ ସହ କ୍ରୁଶୀୟ ମୃତ୍ୟୁ ଭୋଗକଲେ, ପୁଣି ଈଶ୍ୱରଙ୍କ ସିଂହାସନର ଦକ୍ଷିଣପାର୍ଶ୍ୱରେ ଉପବିଷ୍ଟ ହୋଇଅଛନ୍ତି ।" (ଏବ୍ରୀ ୧୨:୧-୨) । ବୋଲି କହି ଉତ୍ସାହିତ କରନ୍ତି ।

"ସମ୍ମୁଖସ୍ଥ ଆନନ୍ଦ ନିମନ୍ତେ" ଏହି ପଦଗୁଡ଼ିକରୁ ଆନନ୍ଦର ଶକ୍ତି ବିଷୟରେ ବୁଝିପାରୁ । ଯୀଶୁ ଆପଣା ସମ୍ମୁଖସ୍ଥ ଆନନ୍ଦ ନିମନ୍ତେ ସେ ସମସ୍ତ ମାନବ ଜାତିର ପାପର ମୁକ୍ତି ନିମନ୍ତେ କ୍ରୁଶୀୟ ଯାତନା ଓ କ୍ରୁଶୀୟ ମୃତ୍ୟୁ ଭୋଗିଥିଲେ । "ଆନନ୍ଦ" ମନୁଷ୍ୟଙ୍କୁ କ୍ଳେଶ ସହିବାରେ, ଅନେକେ ମହାନ କାର୍ଯ୍ୟ କରିବାର ଶକ୍ତି ପ୍ରଦାନ କରେ ।

କିନ୍ତୁ "ତାହାଙ୍କ ସମ୍ମୁଖସ୍ଥ ଆନନ୍ଦ" କଅଣ ଅଟେ ? ବିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁ ଯାହାଙ୍କ ଦ୍ୱାରା ଆମ୍ଭେମାନେ ପରମେଶ୍ୱରଙ୍କ ନିକଟବର୍ତ୍ତୀ ହେଉ । ସେ ଆପଣା କାର୍ଯ୍ୟ ସମାପ୍ତ କରି ଖ୍ରୀଷ୍ଟଙ୍କ ଦକ୍ଷିଣପାର୍ଶ୍ୱରେ ବସି ଅଛନ୍ତି । (ଯୋହନ ୬:୩୮) । ସେ ହଜିଯାଇଥିବା ଆତ୍ମା ଗୁଡ଼ିକ ଖୋଜି, ରକ୍ଷା କରିବା ନିମନ୍ତେ ଏ ଜଗତକୁ ଆସିଥିଲେ । (ଲୂକ ୧୯:୧୦) । ପିତାଙ୍କ ଇଚ୍ଛା ପାଳନ ତାହାଙ୍କ ନିମନ୍ତେ ଆକଥନୀୟ ଆନନ୍ଦ ଓ ଗୌରବମୟ କାର୍ଯ୍ୟ ।

ଆମ୍ଭେମାନେ କିପରି ଆନନ୍ଦ ନିମନ୍ତେ ଧାବମାନ ହେଉଅଛୁ, ପିତାଙ୍କ ଆଜ୍ଞା ପାଳନ ଓ ଅନ୍ୟମାନଙ୍କୁ ପିତାଙ୍କୁ ନିକଟକୁ କଢ଼ାଇ ଆଣିବା ଆମ୍ଭମାନଙ୍କ ନିମନ୍ତେ କି ଆନନ୍ଦକର ବିଷୟ ଅଟେ ? ଆପଣଙ୍କ ନିମନ୍ତେ ଆମ୍ଭମାନଙ୍କ ଆଶ୍ଚର୍ଯ୍ୟମୟ, ମହାନ ପିତାଙ୍କୁ ଉପାସନା କରିବା କି, ଆନନ୍ଦକର ବିଷୟ ? ଆମ୍ଭମାନଙ୍କ ପ୍ରତିବାସୀଙ୍କୁ ସାହାଯ୍ୟ କରିବା କି ଆନନ୍ଦକର ବିଷୟ ?

ଆମ୍ଭମାନଙ୍କ କଳ୍ପନାର ବାହାରେ, ଆମ୍ଭେମାନେ ଉତ୍ତମ କର୍ମ କରିବା ନିମନ୍ତେ ଶକ୍ତି ପ୍ରାପ୍ତହେଉ ପାଇବୁ । ଶୟତାନ ବିରୁଦ୍ଧରେ ଯୁଦ୍ଧ ବିଜୟୀ ହେବା ପର୍ଯ୍ୟନ୍ତ ଲାଗିରହୁ । ଆଜିର ଖ୍ରୀଷ୍ଟିୟାନ ମଣ୍ଡଳୀର ସଭ୍ୟମାନେ ଆପଣାର ଇହଲୋକ ଆନନ୍ଦରୁ

ପରଲୋକରେ ପ୍ରାପ୍ତ ହେବାକୁ ଯାଉଥିବା ଆନନ୍ଦ ନିମନ୍ତେ କାର୍ଯ୍ୟ କରୁ । ଯୀଶୁଙ୍କ ନିମନ୍ତେ ଯେଉଁସବୁ ଆନନ୍ଦମୟ ବିଷୟ, ତାହା ଆମ୍ଭମାନଙ୍କ ଜୀବନରେ ଆନନ୍ଦମୟ ବିଷୟ ହେଉ ।

–Bill Mc.Forland

❃❃❃

## ମୁଁ କିପରି ବଞ୍ଚିବି ଓ ମଙ୍ଗଳ ପାଇବି

**(How can I live and be well)**

"ତହୁଁ ମୋଶା ସମସ୍ତ ଇଶ୍ରାଏଲ ଲୋକମାନଙ୍କୁ ଡାକି କହିଲେ, ହେ ଇଶ୍ରାଏଲ, ମୁଁ ତୁମ୍ଭମାନଙ୍କ ଶିକ୍ଷାର୍ଥେ ଓ ରକ୍ଷଣାର୍ଥେ ଓ ପାଳନାର୍ଥେ ଆଜି ତୁମ୍ଭମାନଙ୍କ କର୍ଣ୍ଣଗୋଚରରେ ଯେଉଁସବୁ ବିଧି ଓ ଶାସନ କହୁଅଛି, ତହିଁରେ ମନୋଯୋଗ କର ।" (ଦ୍ୱି:ବି: ୫:୧) ।

ଜୀବନରେ ସଫଳତା ପାଇବା ନିମନ୍ତେ ତିନୋଟି ସୂତ୍ର ଏହି ବାକ୍ୟରେ ମୋଶା ଆମ୍ଭମାନଙ୍କ ଜଣାଇ ଅଛନ୍ତି । ଏହି ତିନି ସୂତ୍ର ମୁଁ ପାଳନ କଲେ ଜୀବନରେ ସଫଳତା ପାଇବି ଓ ମଙ୍ଗଳ ପାଇବି ।

**ଈଶ୍ୱରଙ୍କ ବିଧି ବିଧାନ ଶ୍ରବଣ କରିବି :-** ଈଶ୍ୱରଙ୍କ ବାକ୍ୟ ଶ୍ରବଣ କରୁ । କିପରି ? ମଣ୍ଡଳୀର ପ୍ରତ୍ୟେକ ସମାବେଶରେ ଉପସ୍ଥିତ ରହି, ତାହାଙ୍କ ବାକ୍ୟ ଶ୍ରବଣ କରୁ । ପ୍ରଚାରକ ଓ ଶିକ୍ଷକମାନଙ୍କ ବକ୍ତୃତା ସକଳ ଶ୍ରବଣ କରୁ । ପ୍ରତ୍ୟେକ ମଣ୍ଡଳୀରେ ସପ୍ତାହରେ ଅନ୍ତଃତିନିଥର ମଣ୍ଡଳୀ ସମାବେଶ ହୁଏ । ଯଦ୍ୱାରା ଖ୍ରୀଷ୍ଟିୟାନ ବିଶ୍ୱସ୍ତ ପ୍ରଚାରକମାନଙ୍କ ଦ୍ୱାରା ଆତ୍ମୀୟ ପ୍ରସଙ୍ଗ ଶ୍ରବଣ କରିବାରେ ସୁଯୋଗପ୍ରାପ୍ତ ହେବେ । ପ୍ରତିଦିନ ଆପଣା ବାଇବଲ ଖୋଲି ବାକ୍ୟ ପଢ଼ିବା ଅଭ୍ୟାସ କରିବାରେ ଆତ୍ମିକତାରେ ଅଭିବୃଦ୍ଧି ପାଇପାରୁ ।

**ଶିକ୍ଷା କରୁ :-** ପରମେଶ୍ୱରଙ୍କ ଇଚ୍ଛା କଅଣ ଜାଣୁ । ତାହାଙ୍କ ବାକ୍ୟ ଧ୍ୟାନ କରୁ । ତାହାଙ୍କ ବାକ୍ୟ ଧ୍ୟାନ କରିବା ନିମନ୍ତେ ସମୟ ବିତାଉ । ଏତଦ୍ୱାରା ଆମ୍ଭେମାନେ ବହୁଳ ଆଶୀର୍ବାଦ ପ୍ରାପ୍ତ ହେବା ! ଏତଦ୍ୱାରା ପରମେଶ୍ୱରଙ୍କ ବିଷୟରେ ଅଧିକ ଜାଣିପାରିବା । ଆମ୍ଭମାନଙ୍କ ପ୍ରତି ତାହାଙ୍କ ଇଚ୍ଛା କଅଣ ଜାଣିପାରିବା । ବାକ୍ୟଧ୍ୟାନ ଦ୍ୱାରା, କେବଳ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରାହିଁ ମନୁଷ୍ୟର ପାପକ୍ଷମା ଓ ପରିତ୍ରାଣ ପ୍ରାପ୍ତି ବୋଲି

ବୁଝିପାରିବା । ଆସ ଆମ୍ଭେମାନେ କେବଳ ବାକ୍ୟ ଶ୍ରବଣକାରୀ ନ ହୋଇ, ତାହାଙ୍କ ବାକ୍ୟ ପାଳନକାରୀ ହୋଇ ଜୀବନ ଯାପନ କରୁ ।

**ପାଳନ କରୁ :-** ପ୍ରଭୁଙ୍କ ବାକ୍ୟ ଶ୍ରବଣ କରିବା ଉତ୍ତମ ବିଷୟ । ତାହାଙ୍କ ବାକ୍ୟ ଶିକ୍ଷା କରିବା ଆଶୀର୍ବାଦ ଦାୟକ । ଶେଷ ସୂତ୍ର ତାହାଙ୍କ ବାକ୍ୟ ପାଳନ କରିବା । ଯୀଶୁଖ୍ରୀଷ୍ଟଙ୍କ ଉଦାହରଣର ବୁଦ୍ଧିହୀନ ଈଶ୍ୱର ବାକ୍ୟ ଶ୍ରବଣ କଲା, କିନ୍ତୁ ପାଳନ ନକରିବାରୁ ତାହାଙ୍କ ପତନ ଭୟଙ୍କର ହେଲା । (ମାଥିଉ ୭:୨୪-୨୭) । ଆସ ଆମ୍ଭେମାନେ କେବଳ ବାକ୍ୟ ଦ୍ୱାରା ନୁହେଁ, କିନ୍ତୁ କର୍ମ ଦ୍ୱାରା ତାହାଙ୍କ ଆଜ୍ଞା ପାଳନ କରୁ । ଯାକୁବ କହନ୍ତି, "କିନ୍ତୁ ଶ୍ରୋତା ମାତ୍ର ହୋଇ ଆପଣାକୁ ପ୍ରବଞ୍ଚନା ନକରି ବାକ୍ୟର କର୍ମକାରୀ ହୁଅ ।" (ଯାକୁବ ୧;୨୨) ।

ମୋଶା ଇଶ୍ରାଏଲ ସନ୍ତାନମାନଙ୍କୁ କହିଥିଲେ, "ତୁମ୍ଭେମାନେ ବଞ୍ଚିବ ଓ ତୁମ୍ଭମାନଙ୍କର ମଙ୍ଗଳ ହେବ, ପୁଣି ଯେଉଁ ଦେଶ ତୁମ୍ଭମାନେ ଅଧିକାର କରିବ, ତହିଁରେ ଯେପରି ତୁମ୍ଭମାନଙ୍କର ଦୀର୍ଘ ପରମାୟୁ ହେବ । ଏଥିପାଇଁ ସଦାପ୍ରଭୁ ତୁମ୍ଭମାନଙ୍କର ପରମେଶ୍ୱର ଯେ ଯେ ପଥରେ ଚାଲିବାକୁ ଆଜ୍ଞା ଦେଇଅଛନ୍ତି, ସେହି ସମସ୍ତ ପଥରେ ଚାଲ ।" (ଦ୍ୱି:ବି: ୫:୩୩) ।

– **Loy Mitchell**

❋❋❋

## ପରମେଶ୍ୱର ଆପଣ କଅଣ ଜାଣିବା ଓ କରିବା ନିମନ୍ତେ ଇଚ୍ଛା କରନ୍ତି ?

**(What God wants you to know and to do)**

"ସେତେବେଳେ ତୁମ୍ଭମାନଙ୍କୁ କ୍ଳେଶ ଦେଉଥିବା ଲୋକମାନଙ୍କୁ ପ୍ରତିଫଳିତ ସ୍ୱରୂପେ କ୍ଳେଶ ଦେବା ଓ କ୍ଳେଶ ଭୋଗ କରୁଅଛ ଯେ ତୁମ୍ଭେମାନେ, ତୁମ୍ଭମାନଙ୍କୁ ଆମ୍ଭମାନାଙ୍କ ସହିତ ବିଶ୍ରାମ ଦେବା, ଏହାତ ଈଶ୍ୱରଙ୍କ ପକ୍ଷରେ ନ୍ୟାୟର ବିଷୟ, ଯେଉଁମାନେ ଈଶ୍ୱରଙ୍କୁ ଜାଣନ୍ତି ନାହିଁ ଓ ଆମ୍ଭମାନଙ୍କ ପ୍ରଭୁ ଯୀଶୁଙ୍କ ସୁସମାଚାର ମାନନ୍ତି ନାହିଁ, ସେମାନଙ୍କୁ ସେ ସେତେବେଳେ ଦଣ୍ଡ ଦେବେ । ଅର୍ଥାତ୍ ଯେଉଁ ଦିନ ସେ

ଆପଣା ସାଧୁମାନଙ୍କ ଦ୍ୱାରା ଗୌରବାନ୍ୱିତ ହେବାକୁ ଓ ବିଶ୍ୱାସ କରିଥିବା ଲୋକ୍ଙ୍କ ସମସ୍ତଙ୍କ ଦ୍ୱାରା ଚମତ୍କାରର ଦୃଶ୍ୟ ସ୍ୱରୂପ ହେବାକୁ ଆସିବେ (କାରଣ ତୁମ୍ଭମାନଙ୍କ ନିକଟରେ ଆମ୍ଭମାନଙ୍କ ସାକ୍ଷ୍ୟ ତୁମ୍ଭେମାନେ ବିଶ୍ୱାସ କରିଅଛ) ।" (୨ ଥେସଲନୀକୀ ୧:୭-୯) ।

ଯେହେତୁ ସୁସମାଚ୍ଚରର ଅନାଜ୍ଞାବହ ପ୍ରତ୍ୟେକ ବିନଷ୍ଟ ହେବେ, ସୁସମାଚ୍ଚର କଅଣ ଓ ତାହା କିପରି ଆଜ୍ଞାବହ ହୋଇ ପାରିବା ଜାଣିବା ନିତାନ୍ତ ଆବଶ୍ୟକ ।

**ସୁସମାଚାରର ଅର୍ଥ କଅଣ ? :-** ଏହି ପ୍ରଶ୍ନର ଉତ୍ତର ପ୍ରେରିତ ପାଉଲଙ୍କ ଲେଖନୀରୁ ଜାଣିପାରୁ, "ହେ ଭାଇମାନେ, ମୁଁ ତୁମ୍ଭମାନଙ୍କ ନିକଟରେ ଯେଉଁ ସୁସମାଚ୍ଚର ପ୍ରଚ୍ଚର କରିଥିଲି, ଯାହା ତୁମ୍ଭେମାନେ ଗ୍ରହଣ କରିଥିଲି. ଯହିଁରେ ମଧ୍ୟ ସ୍ଥିର ହୋଇ ରହିଅଛି, ମୁଁ କେଉଁ ପ୍ରକାରେ ତୁମ୍ଭମାନହ୍କ ନିକଟରେ ତାହା ପ୍ରଚ୍ଚର କରିଥିଲି, ଏହା ତୁମ୍ଭମାନଙ୍କୁ ସ୍ମରଣ କରାଉଅଛି, ଯଦି ତୁମ୍ଭେମାନେ ତାହା ଦୃଢ଼ଭାବରେ ଧରିଥାଅ, ତେବେ ତାହା ଦ୍ୱାରା ପରିତ୍ରାଣ ପାଉଅଛ, ନୋହିଲେ ତ ତୁମ୍ଭେମାନେ ବ୍ୟର୍ଥରେ ବିଶ୍ୱାସୀ ହୋଇଥିଲ । କାରଣ ଯେଉଁ ଯେଉଁ ଶିକ୍ଷା ମୁଁ ପାଇଥିଲି ସେଥି ମଧ୍ୟରୁ ଏହି ପ୍ରଧାନ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଥିଲି, ଯଥା, ଖ୍ରୀଷ୍ଟଶାସ୍ତ୍ର ଅନୁସାରେ ଆମ୍ଭମାନଙ୍କ ପାପ ନିମନ୍ତେ ମୃତ୍ୟୁଭୋଗ କଲେ, ସମାଧି ପ୍ରାପ୍ତ ହେଲେ ଶାସ୍ତ୍ର ଅନୁସାରେ ତୃତୀୟ ଦିବସରେ ଉତ୍ଥିତ ହେଲେ ...।" (୧ମ କରିନ୍ଥୀ ୧୫:୧-୪) ।

ଆମ୍ଭମାନଙ୍କ ଦୋଷର ଶାସ୍ତି ଯୀଶୁ ଆପେ ବରଣ କଲେ । ତାହାଙ୍କ ମରଣରେ ମନୁଷ୍ୟମାନଙ୍କ ପରିତ୍ରାଣ ସମ୍ଭପର ହୋଇଅଛି । ପାଉଲ କହନ୍ତି, "କାରଣ ପାପର ବେତନ ମୃତ୍ୟୁ କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ ଦାନ ଆମ୍ଭମାନଙ୍କ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ ।" (ରୋମୀୟ ୬:୨୩) । "କାରଣ ଯେତେବେଳେ ଆମ୍ଭେମାନେ ନିରୁପାୟ ଥିଲୁ, ସେତେବେଳେ ଖ୍ରୀଷ୍ଟ ଉପଯୁକ୍ତ ସମୟରେ ଅଧାର୍ମିକମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ । ଧାର୍ମିକ ଲୋକ ନିମନ୍ତେ ପ୍ରାୟ କେହି ମୃତ୍ୟୁଭୋଗ କରିବ ନାହିଁ -ଉତ୍ତମ ଲୋକ ନିମନ୍ତେ ଅବା କେହି ପ୍ରାଣ ଦେବାକୁ ସାହସ କରିପାରେ, କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁ ଅଛନ୍ତି ।" (ରୋମୀୟ ୫:୬-୮) ।

ସୁସମାଚାରରର ଆଜ୍ଞାବହ ହେବା କି ଅତ୍ୟାବଶ୍ୟକ ? ସୁସମାଚାରରର ଆଜ୍ଞାବହ ହେବା ନିମନ୍ତେ, ଦୁଇଟି ସୁନିଶ୍ଚିତ କାରଣ ହେଲା :-

୧) **ଅସ୍ଥାୟୀ ଜୀବନ :-** ଦୈନିକ ଜୀବନ ଯାତ୍ରାରେ, ଜୀବନ କେତେ ଅସ୍ଥାୟୀ ଜାଣି ଥାଉଁ । ଅସୁସ୍ଥତା ଓ ଓ ଦୁର୍ଘଟଣା ଫଳେ ମନୁଷ୍ୟ ଆକସ୍ମିକଭାବେ ମରଣର ସମ୍ମୁଖୀନ ହୁଏ । ଏବ୍ରୀ ପୁସ୍ତକ କର୍ତ୍ତା ଲେଖନ୍ତି । "ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଥରେ ମୃତ୍ୟୁ ଆଉ ତାହାପରେ ବିଚାର ନିରୁପିତ ଅଛି...।" (ଏବ୍ରୀ ୯:୨୪) ।

୨) **ଖ୍ରୀଷ୍ଟଙ୍କ ଆଗମନର ଅନିର୍ଦ୍ଦିଷ୍ଟତା :-** ଆମ୍ଭେମାନେ ପ୍ରତିକ୍ଷା ନ କରିବା ସମୟରେ ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ହେବ ବୋଲି ବାଇବଲ ବାକ୍ୟ ସ୍ୱସ୍ପଷ୍ଟ କରେ । "କାରଣ ରାତ୍ରିରେ ଚୋର ଆସିଲା ପ୍ରଭୁଙ୍କ ଦିନ ଯେ ଆସିବ, ଏହା ତୁମ୍ଭେମାନେ ଉତ୍ତମଭାବେ ଜାଣ ।" (୧ମ ଥେସ ୫:୨) । ଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ କେବେ ଘଟିବ, କୌଣସି ମନୁଷ୍ୟ ଜାଣନ୍ତି ନାହିଁ ।

୩) **ସୁସମାଚାରରୁ ବିଚଳିତ ନ ହେଉଁ :-** ସୁସମାଚାରର ବିକୃତ କରୁଥିବା ବ୍ୟକ୍ତିମାନଙ୍କ ବିଷୟରେ ପ୍ରେରିତ ପାଉଲ ସତର୍କ କରିଅଛନ୍ତି । "କିନ୍ତୁ ଯେଉଁ ସୁସମାଚାରର ଆମ୍ଭେମାନେ ତୁମ୍ଭମାନଙ୍କ ନିକଟରେ ପ୍ରଚାର କରିଥିଲୁ । ଆମ୍ଭେମାନେ କିମ୍ବା ସ୍ୱର୍ଗଦୂତ ହଲେ ଯଦି କେହି ତଦ୍‌ଭିନ୍ନ ଅନ୍ୟ ସୁସମାଚାର ପ୍ରଚାର କରେ, ତେବେ ଶାପଗ୍ରସ୍ତ ହେଉ ।" (ଗାଲାତୀ ୧:୬-୮) ।

## କେଉଁମାନେ ବାପ୍ତିସ୍ମ ନେବା ଆବଶ୍ୟକ ?

୧) ପୁନଃର୍ବାର ଜନ୍ମ ନେବାକୁ ଇଚ୍ଛୁକ ପ୍ରତ୍ୟେକ -(ଯୋହନ ୩:୩-୫) । ବିନାଶ ପ୍ରାପ୍ତ ହେଉଥିବା ପ୍ରତ୍ୟେକ ବ୍ୟକ୍ତି ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ବାପ୍ତିଜିତ ହେବା ଆବଶ୍ୟକ । ଖ୍ରୀଷ୍ଟଙ୍କୁ ବ୍ୟକ୍ତିଗତ ପରିତ୍ରାଣ ରୂପେ ବିଶ୍ୱାସ କରିବା, ପରିତ୍ରାଣ ପ୍ରାପ୍ତି ନିମନ୍ତେ ଯଥେଷ୍ଟ ନୁହେଁ ।

୨) **ଛିଞ୍ଚା ବାପ୍ତିସ୍ମ ପ୍ରାପ୍ତ ପ୍ରତ୍ୟେକ :-** ଜଳ ବୁଡିତ ହୋଇ ବାପ୍ତିସ୍ମ ଗ୍ରହଣ କରିବାହିଁ ପ୍ରକୃତ ବାପ୍ତିସ୍ମ । (ରୋମୀୟ ୬:୩-୭, କଲସୀ ୨:୧୨, ଯୋହନ ୩:୨୩) । ସୁସମାଚାରରର ପ୍ରକୃତ ଅର୍ଥ ଜ୍ଞାତ ହୋଇ ପାରିବା ବ୍ୟକ୍ତିମାନେ ହିଁ ବାପ୍ତିସ୍ମ ଗ୍ରହଣ

କରିବାରେ ଯୋଗ୍ୟ । ଯେଉଁ ଶିଶୁମାନେ ଅଜ୍ଞାତ ଭାବେ ଛିଞ୍ଚା ବାପ୍ତିସ୍ମ ଗ୍ରହଣ କରିଅଛନ୍ତି । ସେମାନେ ପ୍ରକୃତରେ ସତ୍ୟ ବାପ୍ତିସ୍ମରେ ବାପ୍ତିଜିତ ନୁହନ୍ତି ।

୩) ଖ୍ରୀଷ୍ଟଙ୍କ ସେମାନଙ୍କ ହୃଦୟରେ ଗ୍ରହଣ କରି, ପାପୀର ପ୍ରାର୍ଥନା ଦ୍ୱାରା ପରିତ୍ରାଣ ହେଇଅଛନ୍ତି ବୋଲି ବିଶ୍ୱାସ କରିବା ପ୍ରତ୍ୟେକ :-ଲୂକ ୧୮:୯-୧୪ ପଦରେ ବର୍ଣ୍ଣିତ 'ଫାରୁଶୀ ଓ କରଗ୍ରାହୀଙ୍କ ପ୍ରାର୍ଥନା' ଦୃଷ୍ଟାନ୍ତ ଉପରେ ଏହି ସିଦ୍ଧାନ୍ତ ଆଧାରିତ । ଅନ୍ୟ ନିର୍ଭରଶୀଳ ନ ହୋଇ ଅନ୍ୟମାନଙ୍କୁ ତୁଚ୍ଛ ନକରି, କରଗ୍ରାହୀ ସଦୃଶ୍ୟ ଆପଣାକୁ ନମ୍ର କରିବା ନିମନ୍ତେ ଯୀଶୁ ଏହି ଦୃଷ୍ଟାନ୍ତ କହିଥିଲେ । କିନ୍ତୁ ପରିତ୍ରାଣ ପ୍ରାପ୍ତି ନିମନ୍ତେ କଅଣ କରିବା ଆବଶ୍ୟକ ଏହି ଦୃଷ୍ଟାନ୍ତ ଆମ୍ଭମାନଙ୍କ ଶିକ୍ଷା ଦିଏ ନାହିଁ । ବାପ୍ତିସ୍ମ ବିନୁ ପରିତ୍ରାଣ ପ୍ରାପ୍ତି ଭ୍ରାନ୍ତ ଶିକ୍ଷା ।

୪) 'ପ୍ରାର୍ଥନା' ଦ୍ୱାରା ପରିତ୍ରାଣ ପ୍ରାପ୍ତି ହୋଇ ଅଛନ୍ତି ବୋଲି ବିଶ୍ୱାସ କରୁଥିବା ପ୍ରତ୍ୟେକ :- ପାପ କରିଥିବା ଖ୍ରୀଷ୍ଟିୟାନମାନେ ପ୍ରାର୍ଥନା କରିବା ଆବଶ୍ୟକ ବୋଲି ଯାକୁବ ୫:୧୬- ଓ ପ୍ରେରିତ ୮:୨୨ ପଦରୁ ବୁଝିପାରୁ । କିନ୍ତୁ ସସମାଚରର ଆଜ୍ଞାବହ ନ ହେବା ଲୋକେ, କେବଳ ପ୍ରାର୍ଥନା ଦ୍ୱାରା ପାପକ୍ଷମା ପାଇ ପାରିବେ ନାହିଁ । କେବଳ ପ୍ରାର୍ଥନା ଦ୍ୱାରା ମନୁଷ୍ୟ ପାପକ୍ଷମା ଯାଇପାରେ ନାହିଁ, କିନ୍ତୁ ସୁସମାଚରର ଆଜ୍ଞାବହତା ଦ୍ୱାରା ମନୁଷ୍ୟ ପାପକ୍ଷମା ପାଏ ।

ଖ୍ରୀଷ୍ଟଙ୍କ ଆଜ୍ଞାବହ ନିତାନ୍ତ ଆବଶ୍ୟକ । ନଚେତ୍ ଆମ୍ଭେମାନେ ଅନନ୍ତକାଳ ନିମନ୍ତେ ବିନିଷ୍ଟ ହେବା ଓ ଅନନ୍ତକାଳ ନିମନ୍ତେ ଦଣ୍ଡିତ ହେବା । (୨ ଥେସ ୧:୭-୯) । ଆପଣ ଯଦି ଏବେ ପର୍ଯ୍ୟନ୍ତ, ତାହାଙ୍କ ସୁସମାଚରର ଆଜ୍ଞାବହ ହୋଇ ନାହାନ୍ତି, ଆଜି ହିଁ ସେହି ଶୁଭଦିନ ।

– Clyton Pepper

❋❋❋

Edited & Published by : Kabita & Joshua Gootam

# Why CHRIST Came To Our Earth

**John 1:1-3,14**

**INTRODUCTION:**

A. The greatest event in history was that which occurred when Jesus Christ, the Son of the Living God, invaded the planet earth and firmly established his claim upon it and its citizens and securely established His kingdom.

B. In the record of his life and teaching we find a four-fold statement of purpose for his coming:
   1. To reveal the Father,
   2. To put away sin,
   3. To destroy the works of the devil,
   4. To establish the kingdom of God on earth.

C. Christ was in conflict with all that was contrary to the purposes of God in individual, social, national and racial life.

I. Jesus Declared His Purpose to Reveal the Father.
   A. John 1:18
   B. John 14:9
      1. Read John 14:1-10
      2. Philip was voicing the great desire of every human heart, "Show us the Father."
   C. The term "Father" implies tenderness, law, discipline. A familiar, intimate relationship.
      1. Psalm 103:13-14
      2. If the world has not come to God through Christ, it is because the world has not yet seen him . . . The Blame rests upon us!
   D. Christ's life and message wins submission of the reason, appeals to the love of the heart, demands surrender of the will.

II. To Take Away Sin.
   A. 1 John 3:5
   B. Matthew 1:21; John 1:29
   C. 2 Cor. 5:21, The method
      1. Heb. 9:26
      2. Is. 53:4-12

III. To Destroy the Works of the Devil, 1 John 3:8
   A. What Are the Works of the Devil?
      1. To alienate men from God - to corrupt,
      2. To disrupt the will of God in the world,
      3. To hold every creature in the grip of death.

C. High Priest.

1. Hcb. 3:1.
2. Heb. 2:17.
3. Heb. 4:14-15.
4. Heb. 9:11-12, offers the atoning blood.
5. 1 Tim. 2:5, mediator.
6. All Christians are priests under Him. a. 1 Peter 2:5-9.
7. We could not enjoy the privilege of being priests until lie was crowned.

D. Judge, John 5:22.

V. The Duration of His Reign. A. 1 Cor. 15:24-26.

**CONCLUSION:**

A. Arc you a citizen of His kingdom today?

B. Are you willing to comply with the terms of citizenship?


***Printed Book Only***

From:

**SATYA VANI**
P.O. Box 80,
Kakinada - 533 001

To


(FOR PRIVATE CIRCULATION ONLY)